# ଚାଷୀଙ୍କ ଦାବି ମାନିନେଲେ ମହାରାଷ୍ଟ୍ର ସରକାର

**ମୁମ୍ବାଇ, ୧୨ମା/ପିଟି :**

ମହାରାଷ୍ଟ୍ରରେ ଚାଷୀଙ୍କ ଅଧିକାଂଶ ଦାବିକୁ ରାଜ୍ୟ ସରକାର ମାନିନେବା ପରେ ମୁମ୍ବାଇରେ ଆଜି ଏକ ବିଶାଳ ର୍‍ୟାଲି ଆୟୋଜନ କରିଥିବା ଚାଷୀ ସଂଗଠନ ଅଲ୍‌ଇଣ୍ଡିଆ କିଷାନ୍ ସଭା (ଏଆଇକେଏସ୍) ତା'ର ଆନ୍ଦୋଳନ ପ୍ରତ୍ୟାହାର କରିନେଇଛି । ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀସ୍ତରୀୟ କମିଟି ଓ କୃଷକ ନେତାଙ୍କ ମଧ୍ୟରେ ଦୀର୍ଘ ଦୁଇ ଘଣ୍ଟା ଧରି ଆଲୋଚନା ହେବା ପରେ ସେମାନଙ୍କର ଅଧିକାଂଶ ଦାବି ପୂରଣ କରାଯିବ ବୋଲି ସରକାର ସେମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି ।

ଚାଷୀମାନେ ଋଣଛାଡ଼, ଚାଷ କରୁଥିବା ଜଙ୍ଗଲ ଜମିକୁ ସେମାନଙ୍କ ନାମରେ କରାଯିବା ଆଦି ବିଭିନ୍ନ ଦାବି ସରକାରଙ୍କ ଆଗରେ ଉପସ୍ଥାପନ କରିଥିଲେ । ଏହାଛଡ଼ା ଦେବୋତ୍ତର ସମ୍ପତ୍ତି, ଗୋଚର ଜମି ଉପରେ ଚାଷୀଙ୍କ ଅଧିକାର ସାବ୍ୟସ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବାକୁ ଦାବି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏଆଇକେଏସ୍‌ର ସଭାପତି ଅଶୋକ ଧାୱଲେ ଓ ସମ୍ପାଦକ ଅଜିତ ନାୱଲେ କହିଛନ୍ତି, "ଆମର ଅସୁବିଧା ସମ୍ପର୍କରେ ସରକାରଙ୍କୁ ଅବଗତ କରିବା କ୍ଷେତ୍ରରେ ଆମର ଉଦ୍ୟମ ସଫଳ ହୋଇଛି । ଆମର ଏହି ବିରାଟ ପଦଯାତ୍ରାରୁ ସୁଫଳ ମିଳିଛି । ତେବେ ଚାଷୀଙ୍କ ଋଣ ସମ୍ପୂର୍ଣ୍ଣ ଛାଡ଼ ପାଇଁ ଦାବି ବଳବତ୍ତର ରହିବ ।" ଆଜିର ଆଲୋଚନା ଅନୁଯାୟୀ ରାଜ୍ୟ ସରକାର ଋଣଛାଡ଼ ନିୟମ କୋହଳ କରିବାକୁ ସମ୍ମତ ହୋଇଛନ୍ତି । ୨୦୧୬ ଜୁନ୍ ୩୦ ପର୍ଯ୍ୟନ୍ତ ଋଣଛାଡ଼ ପାଇଁ ରହିଥିବା ସମୟସୀମାକୁ ୨୦୧୭ ଜୁନ୍ ୩୦କୁ ବୃଦ୍ଧି କରିବାକୁ ସରକାର ରାଜି ହୋଇଛନ୍ତି । ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ବା କୃଷି ଉପକରଣ ଖର୍ଚ୍ଚ ପାଇଁ ଋଣଛାଡ଼ ଦାବିକୁ ସରକାର ବିଚାର କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ଆଦିବାସୀ ଚାଷୀଙ୍କର ରାସନ୍ କାର୍ଡ ତିନି ମାସରେ ନବୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ପେନ୍‌ସନ୍ ପରିମାଣ ବୃଦ୍ଧି ପାଇଁ ମଧ୍ୟ ସରକାର ରାଜି ହୋଇଛନ୍ତି ।

## ଆନ୍ଦୋଳନ ପ୍ରତ୍ୟାହୃତ

ରାଜ୍ୟ ସରକାରଙ୍କ ଲିଖିତ ପ୍ରତିଶ୍ରୁତି କୃଷକ ନେତା ଏବଂ ମନ୍ତ୍ରୀସ୍ତରୀୟ କମିଟି ଉପସ୍ଥିତିରେ ପଠାଯାଇଥିଲା । ଏହି କମିଟିରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜସ୍ୱମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ, ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ଓ ପୂର୍ତ୍ତମନ୍ତ୍ରୀ ଏକନାଥ ସିନ୍ଦେ ସଦସ୍ୟ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଲ୍ ଇଣ୍ଡିଆ କିଷାନ ସଭା (ଏଆଇକେଏସ୍) ନେତୃତ୍ୱରେ ହଜାର ହଜାର ଚାଷୀ ଗତ ମଙ୍ଗଳବାର ନାଶିକ୍‌ରୁ ବାହାରି ୧୭୦ କିମି ଦୂର ମୁମ୍ବାଇରେ ଗତ ଶନିବାର ଦିନ ପହଞ୍ଚିଥିଲେ । ଆଜି ପୂର୍ବାହ୍ନ ୧୧ଟାରେ ସେମାନେ ବିଧାନସଭା ଘେରାଉ କରିବାପାଇଁ ବାହାରିବାକୁ ଯୋଜନା କରିଥିଲେ ▶▶ ୭